# ତାଙ୍କୁ ଚିହ୍ନେଇବ କିଏ ?

୦୪/୧୨/୧୯୮୮

ଓଡ଼ିଶା ପାଇଁ ଆଉ ଗୋଟିଏ ଇସ୍ପାତ କାରଖାନାର ଦାବୀ ହେଉ କିମ୍ବା ତାଳଚେର-ସମ୍ବଲପୁର ରେଳପଥ ନିର୍ମାଣ କଥା ହେଉ, ପାରାଦୀପ ବନ୍ଦରକୁ ଅଧିକ ଗଭୀର କରିବା କଥା ହେଉ କିମ୍ବା ଦିଲ୍ଲୀ ବମ୍ବେ ସହିତ ସିଧାସଳଖ ବିମାନ ଯୋଗାଯୋଗ ବ୍ୟବସ୍ଥା ହେଉ, ବିଦ୍ୟୁତ ସଙ୍କଟ ଦୂର କରିବା ପାଇଁ ନୂତନ ପ୍ରକଳ୍ପ କଥା ହେଉ କିମ୍ବା ଓଡ଼ିଆ ଶିଳ୍ପୋଦ୍ୟୋଗୀଙ୍କୁ ଅଧିକ ସୁରକ୍ଷା ଓ ପ୍ରୋତ୍ସାହନ ଦେବା କଥା ହେଉ, ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଅଞ୍ଚଳରେ ଦୂରଦର୍ଶନର ବ୍ୟବସ୍ଥା କଥାହେଉ କିମ୍ବା ସେଇ ଦୂରଦର୍ଶନରେ ରଥଯାତ୍ରା ପରି ଜାତୀୟ ପର୍ବର ସିଧାପ୍ରସାରଣ ହେଉ, ଓଡ଼ିଶାର ସ୍ୱାଭିମାନର ପ୍ରତୀକ କୋଣାର୍କ ଏବଂ ଜଗନ୍ନାଥ ମନ୍ଦିରର ସୁରକ୍ଷା କଥା ହେଉ କିମ୍ବା ଓଡ଼ିଶୀ ନୃତ୍ୟ ଏବଂ ସଙ୍ଗୀତର ଶାସ୍ତ୍ରୀୟ ସ୍ୱୀକୃତି କଥା ହେଉ — ଏ ସବୁଥିରେ ଆମେ ଏକରକମ ଅବହେଳିତ ଏବଂ ଆମ ସ୍ୱାର୍ଥପାଇଁ ସମୁଚିତ ଦୃଷ୍ଟିଦିଆଯାଉ ନାହିଁ ବୋଲି ଏକ ଧାରଣା ପ୍ରାୟ ଅଧିକାଂଶ ସଚେତନ ଶିକ୍ଷିତ ଓଡ଼ିଆଙ୍କ ମଧ୍ୟରେ ସୃଷ୍ଟି ହୋଇଗଲାଣି । ତେବେ ଏଥିପାଇଁ ଦାୟୀ କିଏ ? ଆମେ ସବୁ ଅଭିମାନୀ ଶିକ୍ଷିତ ଓଡ଼ିଆଏ କେତେବେଳେ ଏଥିପାଇଁ କେନ୍ଦ୍ର ସରକାରଙ୍କର ବିଭିନ୍ନ ବିଭାଗରେ ଓଡ଼ିଶା ପ୍ରତି ଉଦାରତାର ଚରମ ଅଭାବ କଥା କହି କେନ୍ଦ୍ର ସରକାରଙ୍କୁ ଦାୟୀ କରିଥାଉ ତ କେତେବେଳେ ଦିଲ୍ଲୀରେ ଓଡ଼ିଶାର ସ୍ୱାର୍ଥରକ୍ଷା କରିବା ପାଇଁ ଆବଶ୍ୟକ 'ଲବି'ର ଅଭାବ କଥା କହି ରାଜନୈତିକ ନେତୃବୃନ୍ଦଙ୍କୁ ଦୋଷାରୋପ କରିଥାଉ । ଏପରି ଦୋଷାରୋପ କରିବା ପଛରେ କିଛି ଯେ ଯୁକ୍ତି ବା ଯଥାର୍ଥତା ନାହିଁ ଏକଥା କେହି କହୁନାହିଁ । ବହୁ କ୍ଷେତ୍ରରେ ଏପ୍ରକାର ଅଭିମାନର ଯଥେଷ୍ଟ ଅବକାଶ ରହିଛି । କିନ୍ତୁ ଆଜି ଆମେ ଅନୁଭବ କରୁଥିବା ଆମ ଅବହେଳା ପାଇଁ ସାମଗ୍ରିକ ଭାବେ ଆମେ ସବୁ ଶିକ୍ଷିତ ଓ ସଚେତନ ଓଡ଼ିଆଏ ଯେ ଅଧିକ ଦାୟୀ ଏକଥା କହିଲାବେଳକୁ ଯଥେଷ୍ଟ ସଙ୍କୋଚ ଏବଂ ତା'ଠାରୁ ଯଥେଷ୍ଟ ଅଧିକ ଦୁଃଖ ଲାଗୁଛି । ଗୋଟିଏ ଉଦାହରଣ ଦେଲେ ଆଜି ପାଇଁ ଯଥେଷ୍ଟ ହେବ । ଅତୀତରେ ଏକଥା କୁହାଯାଇଥିଲା ବୋଲି ଆମେ ବହୁ କଟୁକ୍ତି ଓ ସମାଲୋଚନାର ଶିକାର ହୋଇଥିଲୁ । ଯେତେ ଅପ୍ରିୟ ହେଲେ ମଧ୍ୟ ପୁଣିଥରେ ସେ ବିଷୟରେ ଆଲୋଚନା କରିବା ଆଜି ପାଇଁ ଜରୁରୀ ହୋଇ ପଡ଼ିଛି ।

କୋରାପୁଟ-କଳାହାଣ୍ଡିର ଆଦିବାସୀ ହରିଜନ ଭାଇ ଭଉଣୀଙ୍କ କଥା ଚିନ୍ତା କରାଯାଉ । ଗତ ଅର୍ଦ୍ଧ ଶତାବ୍ଦୀ ଧରି ସବୁସ୍ତରରେ ଚରମ ଉଦାସୀନତାର ଶିକାର ହୋଇ ପଡ଼ିଥିବା ଏହି ଦୁର୍ଗମ ଅନୁନ୍ନତ ଜିଲ୍ଲାଗୁଡ଼ିକର ପ୍ରଗତି ପାଇଁ ଅଗ୍ରାଧିକାର

## ଆମଘରର ହାଲଖ୍ୱାଲ

ସୌମ୍ୟରଞ୍ଜନ ପଟ୍ଟନାୟକ

ଭିତ୍ତିରେ ଅଧିକ ସମ୍ବଳ ଏବଂ ନୂତନ ଯୋଜନା କଥା ଚିନ୍ତା କରାଯାଉଥିବା ବେଳେ ଗତ ୩ ବର୍ଷ ଧରି ଅଭୂତପୂର୍ବ ଅନାବୃଷ୍ଟି ଓ ଦୁର୍ଭିକ୍ଷ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି । ଆମ ହରିଜନ ଆଦିବାସୀ ଭାଇଭଉଣୀମାନଙ୍କର ଦୁର୍ଦ୍ଦିନରେ ତାଙ୍କ ଦୁଃଖରେ ଆମେ ଭାଗୀ ହେବା କଥା ଦୂରରେ ଥାଉ ପ୍ରକୃତିର ତାଙ୍କ ପାଇଁ ଏ ଅଭିଶାପ ଆମ କେତେକଙ୍କ ପାଇଁ ଆଶୀର୍ବାଦର କାରଣ ହୋଇଛି । ତା ନ ହୋଇଥିଲେ ସମ୍ବାଦପତ୍ର, ପତ୍ରପତ୍ରିକାର ପ୍ରଚ୍ଛଦ କାହାଣୀ ଓ ଅଗ୍ରଲେଖଠାରୁ ଆରମ୍ଭ କରି ରେଡିଓ ଟେଲିଭିଜନ ଏବଂ ଆମ ଡ୍ରଇଂରୁମ୍ ଆସରରେ ଏହା ଆଜି ଆଲୋଚନାର ମୁଖ୍ୟ ବିଷୟ ହୁଅନ୍ତା ନାହିଁ । ଏକ ପକ୍ଷରେ ଓଡ଼ିଶାର ଭାବଗତ ଏକତା ପାଇଁ ଆମେ ରେଳପଥ ଓ ବିମାନ ଯୋଗାଯୋଗ କଥା ଦାବୀ କରୁଛୁ ତ ଅନ୍ୟ ପକ୍ଷରେ କୋରାପୁଟ, କଳାହାଣ୍ଡିକୁ ବଦଳି ହେଲେ ତାକୁ ରୋକିବା ପାଇଁ ସମସ୍ତ ପ୍ରକାର କଳ, ବଳ ପ୍ରୟୋଗ କରୁଛୁ । ଏହା ଓଡ଼ିଶାର ସାମ୍ପ୍ରତିକ ଜାତୀୟ ଜୀବନର ସବୁଠାରୁ ବଡ଼ ବିଡ଼ମ୍ବନା କହିଲେ ଅତ୍ୟୁକ୍ତି ହେବନାହିଁ । ଆଜି କୋରାପୁଟ କଳାହାଣ୍ଡିର ଶତକଡ଼ା ୫୦ ସରକାରୀ ପଦପଦବୀ ତାଙ୍କର ଅଧିକାରୀଙ୍କ ଅପେକ୍ଷାରେ ଖାଲି ପଡ଼ି ରହିଛନ୍ତି । ୫୦ ବର୍ଷର ଅବହେଳାକୁ ଶତକଡ଼ା ୫୦ କର୍ମଚାରୀଙ୍କ ମାଧ୍ୟମରେ ପ୍ରଶମିତ କରିହେବ ବା କିପରି ? ସ୍କୁଲରେ ଯଦି ଶିକ୍ଷକ ନ ଥିବେ, ଡାକ୍ତରଖାନାରେ ଡାକ୍ତର ନ ଥିବେ, ଇଞ୍ଜିନିୟର ତାଙ୍କ ବଦଳି ପାଇଁ ଛୁଟିରେ ଭୁବନେଶ୍ୱର ଯାଇଥିବେ, ନୂଆକରି ବଦଳି ହୋଇଥିବା ବି.ଡି.ଓ. କାର୍ଯ୍ୟରେ ଯୋଗ ନଦେଇ ବଦଳି ଆଦେଶକୁ ରଦ୍ଦ କରିବା ପାଇଁ କଟକ-ଭୁବନେଶ୍ୱର ଦଉଡ଼ୁଥିବେ ସ୍ୱୟଂ ଭଗବାନ ମଧ୍ୟ ଏ ଅଞ୍ଚଳ ପାଇଁ ଉଦ୍ଦିଷ୍ଟ କୌଣସି ଯୋଜନାକୁ କାର୍ଯ୍ୟକାରୀ କରିପାରିବେ ନାହିଁ । ଯେତେଦିନ ପର୍ଯ୍ୟନ୍ତ ଆମେ ଉପକୂଳିଆ ସେମାନଙ୍କ ପ୍ରତି ଟିକିଏ ଅଧିକ ଦରଦୀ ହୋଇ ନପାରିବା, ସେତେଦିନ ପର୍ଯ୍ୟନ୍ତ ଓଡ଼ିଶାର ଭାବଗତ ଏକତା, ସ୍ୱାର୍ଥ ଓ ସ୍ୱାଭିମାନ କଥା କେବଳ କଥାରେ ହିଁ ରହିଥିବ । ତେଣୁ ଆଜି ଯେଉଁମାନେ ଓଡ଼ିଶାର ନେତୃତ୍ୱ ନେଉଛନ୍ତି ଏବଂ କାଲି ଯେଉଁମାନେ ନେତୃତ୍ୱ ନେବାପାଇଁ ପ୍ରସ୍ତୁତ ହେଉଛନ୍ତି, ଆଜି ଯେଉଁମାନେ ଓଡ଼ିଶାର ସ୍ୱାଭିମାନ କଥା କହୁଛନ୍ତି, ଖଡ଼ିକେଳା ଖରସୁଆଁ ହାତଛଡ଼ା ହୋଇଗଲା ବୋଲି ଅନୁତାପ କରୁଛନ୍ତି କିମ୍ବା ଉପାନ୍ତ ଅଞ୍ଚଳରେ ପଡ଼ୋଶୀ ରାଜ୍ୟର ସାଂସ୍କୃତିକ ଅନୁପ୍ରବେଶ ଏବଂ ଆମ ସଂସ୍କୃତିର ଅନାଦର କଥା କହି ନେତା ହେଉଛନ୍ତି ଏବଂ ନୂଆଦିଲ୍ଲୀରେ 'ଲବି' ଥିବା ନଥିବା କଥା ଆଲୋଚନା କରି ସମ୍ବାଦପତ୍ର-ବିବୃତି-ସର୍ବସ୍ୱ ରାଜନୀତି କରୁଛନ୍ତି ସେହିମାନେ ହିଁ ଏ ଅବହେଳା ପାଇଁ ବେଶୀ ପରିମାଣରେ ଦାୟୀ । ସେହିମାନଙ୍କୁ ହିଁ ଚିହ୍ନିବା ଓ ଚିହ୍ନେଇଦେବା ଆଜିର ଓଡ଼ିଶା ପାଇଁ ପ୍ରଥମ ଓ ପ୍ରଧାନ ଆବଶ୍ୟକତା । ତେବେ ସେହିମାନେ ସବୁ ତ ଆମ ଭିତରେ । ତାଙ୍କୁ ଚିହ୍ନିବ କେମିତି ବା ଚିହ୍ନେଇବ କିଏ ?